# NATIONAL NEWS BULLETIN (ODIA)

**10 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମାନବାଧିକାର ଦିବସ ଅବସରରେ ନ୍ୟାୟ ଏବଂ ମାନବୀୟ ମର୍ଯ୍ୟାଦା ସମ୍ପନ୍ନ ବିଶ୍ୱ ଗଠନରେ ଯୋଗଦାନ ନିମନ୍ତେ ଆହ୍ୱାନ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣାଙ୍କ ପରଲୋକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକପ୍ରକାଶ ।

- କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଚଳିତ ବର୍ଷର ସିଭିଲ ସର୍ଭିସ ମୁଖ୍ୟ ପରୀକ୍ଷାଫଳ ପ୍ରକାଶିତ ।

- ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଜାରି; ଦିନକ ପାଇଁ ମୁଲତବୀ ଘୋଷଣା

ଏବଂ

- ଓଡ଼ିଶା ମାଷ୍ଟର୍ସ ୨୦୨୪ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ମାନବ ଚୌଧୁରୀ ବିଜୟୀ ।

# ପ୍ରେଜ୍-ହ୍ୟୁମାନ୍ ରାଇଟ୍ସ ଡେ'

ଦାରିଦ୍ର୍ୟ ଓ କ୍ଷୁଧାରୁ ମୁକ୍ତି ଏବଂ ଯୁବବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରିବା କ୍ଷେତ୍ରରେ ଭାରତ ବିଶ୍ୱ ସମ୍ମୁଖରେ ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଉଭା ହୋଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଆଜି ନୂଆଦିଲ୍ଲୀରେ ଜାତୀୟ ମାନବାଧିକାର ଆୟୋଗ ପକ୍ଷରୁ ଆୟୋଜିତ ମାନବାଧିକାର ଦିବସ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି। ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି, ୫ ହଜାର ବର୍ଷରୁ ଅଧିକ ସମୟର ସଭ୍ୟତା ଓ ଐତିହ୍ୟ ସହିତ ଭାରତ ଦୀର୍ଘ ଦିନ ଧରି ସହାନୁଭୂତି, କରୁଣା ଏବଂ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମୁଦାୟ ମଧ୍ୟରେ ବ୍ୟକ୍ତିବିଶେଷଙ୍କ ପରସ୍ପର ସହ ଜଡ଼ିତ ମୂଲ୍ୟବୋଧକୁ ବଜାୟ ରଖିବାରେ ସଫଳ ହୋଇଛି। ଜାତୀୟ ମାନବାଧିକାର ଆୟୋଗ ଏବଂ ନ୍ୟାୟପାଳିକା ଓ ପ୍ରମୁଖ ସହଭାଗିଙ୍କ ସମେତ ଅନ୍ୟାନ୍ୟ ଆୟୋଗଙ୍କ ପ୍ରୟାସକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ପାଇଁ ମାନବିକ ଅଧିକାର ସୁନିଶ୍ଚିତ କରିବା ଦିଗରେ ସେମାନଙ୍କ ଦୃଢ଼ ପ୍ରତିବଦ୍ଧତା ଏବଂ ଅକ୍ଲାନ୍ତ ପ୍ରୟାସ ପାଇଁ ରାଷ୍ଟ୍ରପତି ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ନ୍ୟାୟ ଏବଂ ମାନବୀୟ ମର୍ଯ୍ୟାଦା ସମ୍ପନ୍ନ ସମାଜ ଆଧାରିତ ବିଶ୍ୱ ଗଠନରେ  ଯୋଗଦାନ ନିମନ୍ତେ ଆହ୍ୱାନ ଦେଇଛନ୍ତି।

# ହ୍ୟୁମାନ୍ ରାଇଟ୍ସ- ପ୍ୟାକେଜ୍

ସାରା ବିଶ୍ୱରେ ମାନବାଧିକାରର ସୁରକ୍ଷା ନିମନ୍ତେ ଆଜି ମାନବାଧିକାର ଦିବସ ପାଳନ କରାଯାଉଛି । ୧୯୪୮ ମସିହା ଆଜିର ଦିନରେ ଜାତିସଂଘ ସାଧାରଣ ସଭା ଦ୍ୱାରା ମାନବାଧିକାର ସମ୍ପର୍କିତ ଘୋଷଣାନାମା ଗ୍ରହଣ କରାଯାଇଥିଲା ।  ଚଳିତ ବର୍ଷ ମାନବାଧିକାର ଦିବସର ବିଷୟବସ୍ତୁ ରହିଛି, 'ଆମ ଅଧିକାର, ଆମ ଭବିଷ୍ୟତ, ବର୍ତ୍ତମାନ' । ଏହା ମାନବାଧିକାରର କେବଳ ଏକ ଆକାଂକ୍ଷା ନୁହେଁ ବରଂ ଏକ ଉତ୍ତମ ଭବିଷ୍ୟତ ନିର୍ମାଣ ଦିଗରେ ବିଶ୍ୱାସ ଓ ଦୃଢ଼ତାର ସହ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାର ଏକ ମାଧ୍ୟମ ଭାବେ ଦର୍ଶାଉଛି ।

ଏହି ଅବସରରେ ରାଷ୍ଟ୍ରୀୟ ମାନବାଧିକାର ଆୟୋଗର କାର୍ଯ୍ୟକାରି ଅଧ୍ୟକ୍ଷ ବିଜୟ ଭାରତୀ ସୟାନି କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ଦେଶର ମାନବିକ ଅଧିକାର ସମ୍ପନ୍ନ ସଂସ୍କୃତିର ସୁରକ୍ଷା ଏବଂ ବୃଦ୍ଧି ଦିଗରେ ଦୃଢ଼ତାର ସହ ସର୍ବେ ଭବନ୍ତୁ ସୁଖିନ ଭାବନାକୁ ପାଳନ କରିବାର ଆବଶ୍ୟକତା ରହିଛି । ମାନବାଧିକାର ଦିବସ ପୂର୍ବ ସନ୍ଧ୍ୟାରେ ଏକ ବାର୍ତ୍ତାରେ ଶ୍ରୀମତୀ ସାୟାନି କହିଛନ୍ତି, ଆୟୋଗ ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର ଏବଂ ସେମାନଙ୍କ ମର୍ଯ୍ୟାଦା ରକ୍ଷା ଲାଗି ତଥା ସଶକ୍ତିକରଣ ଓ ପ୍ରୋତ୍ସାହନ ହେତୁ ଉଦ୍ୟମ ଜାରି ରଖିବା ଦିଗରେ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି ।

ସେ କହିଛନ୍ତି, ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଭାରତରେ ଏବଂ ସାରା ବିଶ୍ୱରେ ମାନବାଧିକାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରତିବଦ୍ଧ ଅଟନ୍ତି । ଏହି ଦିଗରେ ବିଶେଷ ଭାବେ ପଛୁଆ ଏବଂ ବିକାଶଶୀଳ

ଦେଶରେ ଅନ୍ୟ ରାଷ୍ଟ୍ରୀୟ ମାନବାଧିକାର ସଂସ୍ଥାଗୁଡ଼ିକ ସହ ମିଶି ଭାରତର ମାନବାଧିକାର ଆୟୋଗ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । ଶ୍ରୀମତୀ ବିଜୟା ଭାରତୀ ସୟାନି କହିଛନ୍ତି, ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଗତ ତିନି ଦଶକରେ ମାନବାଧିକାର ସମ୍ବନ୍ଧିତ ବିଭିନ୍ନ ମାମଲା ଗୁଡ଼ିକର ସମାଧାନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ପାରିଛି ।

ଶ୍ରୀମତୀ ସୟାନି କହିଛନ୍ତି, ମାନବାଧିକାର ଦିବସ ଏହା ନିଶ୍ଚିତ କରେ ଯେ ପ୍ରତ୍ୟେକ ବ୍ୟକ୍ତି ଜନ୍ମ ହେବା ସହ ନିଜ ମୌଳିକ ଅଧିକାର ଗୁଡ଼ିକ ଉପଭୋଗ କରିପାରିବେ ।

ଚଳିତ ବର୍ଷ ତିନୋଟି ରାଷ୍ଟ୍ରୀୟ ଲୋକଅଦାଲତରେ ୭ କୋଟି ୭୦ ଲକ୍ଷରୁ ଅଧିକ ମାମଲାର ସମାଧାନ କରାଯାଇଥିବା ସୁପ୍ରିମ୍‌କୋର୍ଟ ବିଚାରପତି ତଥା ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ – ନାଲସା ର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ବି.ଆର୍. ଗଭାଇ କହିଛନ୍ତି । ଏହିସବୁ ଲୋକଅଦାଲତ ଗୁଡ଼ିକରେ ବହୁଦିନ ଧରି ପଡ଼ିରହିଥିବା ମାମଲା ଏବଂ ନ୍ୟାୟିକ ବିବାଦର ସମାଧାନ କରାଯାଇଛି । ମାନବାଧିକାର ଦିବସ ଅବସରରେ ଏକ ସାକ୍ଷାତକାରରେ ଜଷ୍ଟିସ୍ ବି.ଆର୍. ଗଭାଇ କହିଛନ୍ତି, ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ ବର୍ଷକୁ ତିନିଥର ରାଷ୍ଟ୍ରୀୟ ଲୋକଅଦାଲତ ଆୟୋଜନ କରିଥାଏ ଏବଂ ଏଥିରେ ଆପୋଷ ବୁଝାମଣା ଜରିଆରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ମାମଲା ଗୁଡ଼ିକର ସମାଧାନ କରାଯାଇଥାଏ । ସେ କହିଛନ୍ତି, ନାଲସାର ମାର୍ଗଦର୍ଶନ ଅନୁଯାୟୀ ଅନ୍ୟ ଆଇନ୍‌ସେବା ପ୍ରାଧିକରଣ ଗୁଡ଼ିକ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ନିଶୁଳ୍କ ଆଇନ୍ ସହାୟତା ଯୋଗାଇ ଦେଇଥାନ୍ତି । ଏଥିସହ ମାନବିକ ଅଧିକାରର ସୁରକ୍ଷା ଲାଗି ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରିଥାଏ । ସେ କହିଛନ୍ତି, ୨୦୧୨ରେ ଟ୍ରାନ୍ସଜେଣ୍ଡରମାନଙ୍କ ଅଧିକାର

ନେଇ ନାଲସା ପକ୍ଷରୁ ସମର୍ଥନ ମିଳିବା ପରେ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରାଯାଇଥିଲା, ଯେଉଁଥିରେ ସେମାନଙ୍କୁ ତୃତୀୟଲିଙ୍ଗୀ ଭାବେ ମାନ୍ୟତା ମିଳିଥିଲା । ଜଷ୍ଟିସ୍ ଗଭାଇଙ୍କ ସହ ଏହି ସାକ୍ଷାତକାର ଆଜି ସନ୍ଧ୍ୟା ୭ଟା ୧୦ ମିନିଟ୍‌ରେ 'ସୁର୍ଖିଓଁ ମେ' କାର୍ଯ୍ୟକ୍ରମରେ ପ୍ରସାରଣ ହେବ ।

## ଏସ୍ ଏନ୍ କ୍ରିଷ୍ଣା- ବେଙ୍ଗାଲୁରୁ

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍.ଏମ୍ କ୍ରିଷ୍ଣାଙ୍କର ଆଜି ସକାଳେ ୯୨ ବର୍ଷ ବୟସରେ ବେଙ୍ଗାଲୁରୁର ସଦାଶିବନଗରସ୍ଥିତ ବାସଭବନରେ ପରଲୋକ ଘଟିଛି।

ଏସ୍.ଏମ୍.କ୍ରିଷ୍ଣା ତାଙ୍କ ବିସ୍ତୃତ ରାଜନୈତିକ ଜୀବନରେ ଅନେକ ପ୍ରମୁଖ ପଦପଦବୀରେ ରହିଥିଲେ। ସେ ୧୯୯୯ରୁ ୨୦୦୪ ମସିହା ପର୍ଯ୍ୟନ୍ତ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଏବଂ ୨୦୦୯ରୁ ୨୦୧୨ ମସିହା ପର୍ଯ୍ୟନ୍ତ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୨୦୦୪ରୁ ୨୦୦୮ ମସିହା ପର୍ଯ୍ୟନ୍ତ ସେ ମହାରାଷ୍ଟ୍ରର ଅଷ୍ଟାଦଶ ରାଜ୍ୟପାଳ ଭାବରେ  କାର୍ଯ୍ୟ କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ କ୍ରିଷ୍ଣାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ତାଙ୍କୁ ବିକାଶ ପାଇଁ ଜଣେ ପ୍ରତିଶ୍ରୁତିବଦ୍ଧ ନେତା ବୋଲି ଅଭିହିତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରତିବଦ୍ଧତା ପାଇଁ ଜନସାଧାରଣଙ୍କ ନିକଟତର ହୋଇପାରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଶୋକବାର୍ତ୍ତାରେ ଏସ୍.ଏମ୍.କ୍ରିଷ୍ଣାଙ୍କୁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଥିବା ଜଣେ ଚିନ୍ତାନାୟକ ବୋଲି ବର୍ଣ୍ଣନା କରିଛନ୍ତି। ଏକ  ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ୟୁପିଏସ୍‌ସି ମେନ୍ ରେଜଲ୍ଟ

କେନ୍ଦ୍ରୀୟ ଲୋକସେବା ଆୟୋଗ ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ମୁଖ୍ୟ ପରୀକ୍ଷା ୨୦୨୪ ର ଫଳାଫଳ ପ୍ରକାଶ ପାଇଛି। ମନୋନୀତ ପ୍ରାର୍ଥୀମାନେ ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ବୈଦେଶିକ ସେବା, ଭାରତୀୟ ପୋଲିସ ସେବା ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସେବାରେ ଚୟନ ପାଇଁ ବ୍ୟକ୍ତିତ୍ୱ ପରୀକ୍ଷା ସାକ୍ଷାତକାରରେ ଯୋଗଦେବେ । ଏଥିପାଇଁ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରାଯିବ। ୟୁପିଏସସିର ଅଫିସିଆଲ ୱେବସାଇଟରୁ ଛାତ୍ରଛାତ୍ରୀମାନେ ଫଳଫଳ ଦେଖିପାରିବେ ବୋଲି କୁହାଯାଇଛି।

## ପାର୍ଲ୍ୟାମେଣ୍ଟ- ଆଡଜର୍ଣ୍ଣ

ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି। ଚଳିତ ସପ୍ତାହର ଆଜି ଦ୍ୱିତୀୟ ଦିନରେ ମଧ୍ୟ ଶାସକ ଓ ବିରୋଧୀ ଦଳ

ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଦେଖିବାକୁ ମିଳିଥିଲା। ସଂସଦର ଉଭୟ ଗୃହରେ କଂଗ୍ରେସ ନେତାମାନେ ଦେଶକୁ ବଦନାମ କରିବା ପାଇଁ ଆମେରିକାର ଏକ ପ୍ରମୁଖ ସଂସ୍ଥା ସହ ଯୋଗାଯୋଗରେ ଥିବା ଟ୍ରେଜେରୀ ଖଣ୍ଡପୀଠ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ବିରୋଧୀ ସଦସ୍ୟମାନେ ଏକ ପ୍ରମୁଖ ଭାରତୀୟ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ଆଣିଥିଲେ।

ଆଜି ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭା ଆରମ୍ଭ ହୋଇଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କଂଗ୍ରେସ ସଦସ୍ୟଙ୍କ ଆଚରଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କଂଗ୍ରେସ ଉପରେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୋଗ କରିବା ସହ କଂଗ୍ରେସ ସାଂସଦମାନେ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି। କଂଗ୍ରେସ ନେତା ଏବଂ ଆମେରିକାର ଜର୍ଜ ସୋରୋସ୍ ଫାଉଣ୍ଡେସନ ମଧ୍ୟରେ ସମ୍ପର୍କ ଥିବା ଅଭିଯୋଗ କରି ସେ କଂଗ୍ରେସକୁ ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କହିଛନ୍ତି ।

ବିରୋଧୀ ସଦସ୍ୟମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ବେଳେ କିଛି ସଦସ୍ୟ ଗୃହ ମଧ୍ୟ ଭାଗକୁ ଆସି ହଟ୍ଟଗୋଳ ସୃଷ୍ଟି କରିଥିଲେ। ଗୃହରେ ଶୃଙ୍ଖଳା ବଜାୟ ରଖିବା ସହ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ।

ପରେ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ। ଆଜି ସକାଳେ ଗୃହ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ସଦସ୍ୟଙ୍କ କ୍ରମାଗତ ଅଚଳାବସ୍ଥା ଓ ଆଚରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମସ୍ତ ସଦସ୍ୟ ଗୃହର ଶୃଙ୍ଖଳା ବଜାୟ ରଖିବା ସହ ଦେଶବାସୀଙ୍କ ଆକାଂକ୍ଷା ଓ ଆଶା ପୂରଣ ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଥିଲେ। ଗୃହରେ ଲଗାତାର ବାଧା ସୃଷ୍ଟି କରିବା ଏବଂ ବିରୋଧୀ ଦଳର ସାଂସଦଙ୍କ' ସଂସଦ ପରିସରରେ ବିକ୍ଷୋଭ ସମ୍ପର୍କରେ ଶ୍ରୀ ବିର୍ଲା କହିଥିଲେ, ବିରୋଧୀଙ୍କ ଆଚରଣ ଠିକ୍ ନୁହେଁ ଏବଂ ଏହା ଗୃହର ନିୟମ ଓ ପ୍ରକ୍ରିୟା ବିରୁଦ୍ଧ। କଂଗ୍ରେସ ଓ ଡି.ଏମ.କେ ସମେତ ବିରୋଧୀ ସାଂସଦମାନେ ବାଚସ୍ପତିଙ୍କ ମନ୍ତବ୍ୟକୁ ବିରୋଧ କରି କହିଥିଲେ, ଟ୍ରେଜେରୀ ବେଞ୍ଚର ଆଚରଣ ଠିକ୍ ନୁହେଁ ଏବଂ ସେମାନେ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଏହାପରେ ଟ୍ରେଜେରି ବେଞ୍ଚର ସଦସ୍ୟମାନେ ବିରୋଧୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ଭିତରେ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ରାଜ୍ୟସଭାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏକ ପ୍ରମୁଖ ଭାରତୀୟ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ପ୍ରସଙ୍ଗରେ ଟ୍ରେଜେରି ଏବଂ ବିରୋଧୀ ଦଳ ସଦସ୍ୟମାନେ ପରସ୍ପରକୁ କଡ଼ା ସମାଲୋଚନା କରିଥିଲେ ଓ କଂଗ୍ରେସ ନେତାମାନେ ଆମେରିକାର ଏକ ପ୍ରମୁଖ ସଂସ୍ଥା ସହ ଜଡ଼ିତ ଥିବା ଅଭିଯୋଗ କରିଥିଲେ। ପୂର୍ବାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଗୃହ ଆରମ୍ଭ ହେବା କ୍ଷଣି ଗୃହ ନେତା ଜେ.ପି ନଡ୍ଡା ଆମେରିକାର ବ୍ୟବସାୟୀ ଜର୍ଜ ସୋରୋସ୍ ଏବଂ ସଂଗଠିତ ଅପରାଧ ଓ

ଦୁର୍ନୀତି ରିପୋର୍ଟିଂ ପ୍ରୋଜେକ୍ଟ ରିପୋର୍ଟ ପ୍ରସଙ୍ଗ ଉଠାଇ ଭାରତକୁ ଅସ୍ଥିର କରିବାକୁ ଉଦ୍ୟମ କରାଉଥିବା ଅଭିଯୋଗ କରିଥିଲେ। ଜମ୍ମୁ-କଶ୍ମୀରକୁ ଏକ ଅଲଗା ରାଜ୍ୟ ଭାବେ ଦେଖାଇବାକୁ ଚେଷ୍ଟା କରୁଥିବା ବିଦେଶୀ ଶକ୍ତିଙ୍କ ସହ ସେମାନଙ୍କର କ'ଣ ସମ୍ପର୍କ ରହିଛି ତାହାର ଉତ୍ତର ଦେବାକୁ ସେ କଂଗ୍ରେସ ନେତାମାନଙ୍କୁ କହିଥିଲେ।

ସେ କହିଥିଲେ, ଜର୍ଜ ସୋରୋସ୍ ଫାଉଣ୍ଡେସନ ଦେଶର ସ୍ୱାର୍ଥ ପାଇଁ କ୍ଷତିକାରକ ଅନୁଷ୍ଠାନଗୁଡ଼ିକୁ ପାଣ୍ଠି ଯୋଗାଉଛି। କଂଗ୍ରେସ ନେତା ପ୍ରମୋଦ ତିୱାରୀ' ଶ୍ରୀ ନଡ୍ଡାଙ୍କ ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଥିଲେ। ହଟ୍ଟଗୋଳ ଭିତରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ। ଆଜି ସକାଳେ ଆମ୍ ଆଦମୀ ପାର୍ଟି ସଦସ୍ୟ ସଞ୍ଜୟ ସିଂହ ଦିଲ୍ଲୀରେ ଆଇନ ଶୃଙ୍ଖଳା ପ୍ରସଙ୍ଗ ଉଠାଇଥିଲେ। ଏହାକୁ ଟ୍ରେଜେରି ବେଞ୍ଚ ସଦସ୍ୟମାନେ ବିରୋଧ କରିଥିଲେ। ଶୃଙ୍ଖଳା ବଜାୟ ରଖିବାକୁ ଅଧ୍ୟକ୍ଷଙ୍କ ବାରମ୍ବାର ନିବେଦନ ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ। ପରେ ଅଧ୍ୟକ୍ଷ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପ୍ରଥମାର୍ଦ୍ଧରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଏମ୍ କ୍ରିଷ୍ଣାଙ୍କୁ ରାଜ୍ୟସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ସ୍ମାର୍ଟ ଇଣ୍ଡିଆ ହାକାଥନ

ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୪ର ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫିନାଲେ ଆସନ୍ତାକାଲି ଦେଶର ୫୧ଟି କେନ୍ଦ୍ରରେ ଆରମ୍ଭ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ

ଉଦ୍‌ଘାଟନ କରିବେ। ଗ୍ରାଣ୍ଡ ଫିନାଲେରେ ୧୩୦୦ରୁ ଅଧିକ ଛାତ୍ର ଦଳ ଅଂଶଗ୍ରହଣ କରିବେ। ଆସନ୍ତାକାଲି ଗ୍ରାଣ୍ଡ ଫିନାଲେରେ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମାବେଶକୁ ସମ୍ବୋଧିତ କରିବା ସହ ଯୁବ ପ୍ରତିଭାମାନଙ୍କ ସହ ଆଲୋଚନା କରିବେ।

## ଝାଡ଼ଖଣ୍ଡ- ଆସେମ୍ବ୍ଲି ସ୍ପିକର

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା ରବୀନ୍ଦ୍ର ନାଥ ମାହାତୋ ଆଜି ଦ୍ୱିତୀୟ ଥର ପାଇଁ ଝାଡ଼ଖଣ୍ଡ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶ୍ରୀ ମାହାତୋଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଆସନ୍ତାକାଲି ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ବିଧାନସଭାରେ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି ଏବଂ ଏହା ପରେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଅତିରିକ୍ତ ବଜେଟ୍ ଗୃହରେ ଉପସ୍ଥାପିତ ହେବ।

## ବ୍ୟାଡମିଣ୍ଟନ- ଓଡ଼ିଶା ମାଷ୍ଟର୍ସ

ଓଡ଼ିଶା ମାଷ୍ଟର୍ସ ୨୦୨୪ ବ୍ୟାଡ୍ ମିଣ୍ଟନରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ମାନବ ଚୌଧୁରୀ ଆଜି ସକାଳେ ପୁରୁଷ ଏକକ ଯୋଗ୍ୟତା ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍ସର ମହମ୍ମଦ ମୁନାୱରଙ୍କୁ ୨୧-୧୬, ୨୧-୧୨ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ଭାରତର ରାଜେଶ ଶ୍ରୀକର ୧୧-୨୧, ୨୧-୨୩ରେ ଚୀନର ଲିଉ ୟୁ ଜୁଆନଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଗଗନ ବାଲିୟାନ

ଚୀନର ଓ୍ୱାଙ୍ଗ ଜି ଜୁନଙ୍କଠାରୁ ୧୨-୨୧, ୧୧-୨୧ରେ ପରାସ୍ତ ହୋଇଛନ୍ତି ।

ସେହିପରି ମିକ୍ସଡ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଅମାନ ମହମ୍ମଦ ଓ ସିମରନ ସିଂହୀ ଓଡ଼ିଶାର କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ହରି ଭାରତୀ ବାସ୍କରନ.ପି ଓ ନରଧନା ରବିଶଙ୍କର ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି ।